ସମାଜ

ତାରିଖ:୨୮.୦୨.୨୦୨୫

# ବିଆଇଆଇଟିଏମ୍‌ରେ ଅନ୍ତଃରାଷ୍ଟ୍ରୀୟ ସମ୍ମିଳନୀ



ଭୁବନେଶ୍ୱର,୨୭।୨(ବ୍ୟୁରୋ): ବିଆଇଆଇଟିଏମ୍‌ରେ ଗତ ୨୨ ତାରିଖରେ ଡିଜିଟାଲ ଯୁଗର ଉନ୍ନତ ଗବେଷଣା ଉପରେ ଆଇସିଏଆର୍‌ଡି ୨୦୨୫ର ଆୟୋଜନ କରାଯାଇଥିଲା । କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ ସୋଆ (ଶିକ୍ଷା ଓ ଅନୁସନ୍ଧାନ) ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରଦୀପ୍ତ କୁମାର ନନ୍ଦ ଉଦ୍‌ଘାଟନ କରିଥିଲେ ଏବଂ ବୁକ୍ ଅଫ୍ ଆବ୍‌ସଟ୍ରାକ୍ଟସ୍‌କୁ ଉନ୍ମୋଚନ କରିଥିଲେ । ଏନ୍‌ଆଇଟି ରାଉରକେଲାର ପ୍ରଫେସର ଡ.ରାଜୀବ କୁମାର ପଣ୍ଡା, ଡିଜିଟାଲ ରଣନୀତି ଉପରେ ଏକ ଅନ୍ତର୍ଦୃଷ୍ଟି ସମ୍ପନ୍ନ ସାରଗର୍ଭକ ଭାଷଣ ପ୍ରଦାନ କରିଥିଲେ । ଉଦ୍‌ଘାଟନୀ ସମାରୋହ ପରେ ଆଇଆଇଏମ କୋଝିକୋଡ୍, ରାଜୀବ ଗାନ୍ଧୀ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପେଟ୍ରୋଲିୟମ ଟେକ୍ନୋଲୋଜି, ରେଭେନ୍ସା ବିଶ୍ୱବିଦ୍ୟାଳୟ, ଆଇଏମଆଇ ଭୁବନେଶ୍ୱର ଏବଂ ଏଫଏମ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର ଭଳି ପ୍ରତଷ୍ଠିତ ବିଶ୍ୱବିଦ୍ୟାଳୟର ବରିଷ୍ଠ ପ୍ରଫେସରମାନେ ଯୋଗ ଦେଇଥିଲେ । ଉଦ୍‌ଯାପନୀ ସମାରୋହରେ ପେପର ଉପସ୍ଥାପକମାନଙ୍କୁ ସେମାନଙ୍କ ଅବଦାନ ପାଇଁ ସ୍ୱୀକୃତି ଦିଆଯାଇଥିଲା ଏବଂ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । କିଟ୍ ବିଶ୍ୱବିଦ୍ୟାଳୟର ଗବେଷଣା ଓ ବିକାଶ ବିଭାଗ ମହାନିର୍ଦ୍ଦେଶକ ପ୍ରଫେସର ଡ. ମୃତ୍ୟୁଞ୍ଜୟ ସୁଆର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଏକ ବିଶିଷ୍ଟ ତଥା ସମୃଦ୍ଧ ସମାପ୍ତି ସୁନିଶ୍ଚିତ କରିଥିଲେ ।